**ଜିଲା ଦୌରା ଜଜ କୋର୍ଟ ପେପରଲେସ ହେଲା**

**ବ୍ରହ୍ମପୁର ଅଫିସ:** ଶନିବାରଠାରୁ ଗଞ୍ଜାମ ଜିଲା ଦେରାଜଜ୍‌ଙ୍କ କୋର୍ଟ ପେପର ଲେସ୍ ହୋଇଛି। ଭାରତର ସର୍ବୋଚ୍ଚ ନ୍ୟାୟାଳୟ ପ୍ରଧାନ ବିଚାରପତି ଜଷ୍ଟିସ୍ ଉଦୟ ଉମେଶ ଲଳିତ ଅନଲାଇନରେ ଏହାର ଉଦଘାଟନ କରିଛନ୍ତି। ପେପରଲେସ୍ କୋର୍ଟ ହେବା ଦ୍ୱାରା ଏଣିକି କାଗଜ ପରିବର୍ତ୍ତେ କୋର୍ଟର ସମସ୍ତ ପ୍ରକ୍ରିୟା ଇଣ୍ଟରନେଟ୍ ଦ୍ୱାରା ସମ୍ପନ୍ନ ହେବ। ଓକାଲତନାମା ଦାଖଲ ଠାରୁ ଆରମ୍ଭ କରି କୋର୍ଟ ଆଫିଡେଭିଟ୍, ସାପ୍ତାହିକ ଇ.ଫାଇଲିଂ, ପ୍ରତ୍ୟେକ ମାମଲାର ଅଗ୍ରଗତି ଶୁଣାଣି ଆଦି ଅନଲାଇନରେ ଉପଲବ୍ଧ ହେବ।

## ଆଜି କ'ଣ କେଉଁଠି

- ଅମଲା ସଂଘର ତ୍ରୟବାର୍ଷିକ ସମ୍ମିଳନୀ, ସ୍ଥାନ-ଗେଟ ବଜାର ଏନଜିଓ ହଲ, ସମୟ-ପୂର୍ବାହ୍ନ ସାଢ଼େ ୧୦ଟା

## ସଂକ୍ଷେପରେ

### ଦୁର୍ଘଟଣାରେ ଜଣେ ମୃତ

କ.ନୂଆଗାଁ,୧୭।୯(ଡି.ଏନ୍.ଏ.): କ.ନୂଆଗାଁ ଥାନା କାର୍ମେଲ ସ୍କୁଲ ନିକଟରେ ଶନିବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗୁଞ୍ଜିବାଡ଼ି ଅଞ୍ଚଳର କିଶରାମ ପ୍ରଧାନ। କିଶରାମ ସ୍କୁଟିରେ ଯାଉଥିବା ବେଳେ ତାଙ୍କୁ ମାଲବାହୀ ଟ୍ରକ୍ ଧକ୍କା ଦେଇଥିଲା। ଦୁର୍ଘଟଣାରେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ଟ୍ରକ୍ ଚାଳକ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। କ.ନୂଆଗାଁ ପୋଲିସ ପହଞ୍ଚି ଟ୍ରକ୍ ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି।

### ସାପ କାମୁଡ଼ାରେ ମହିଳା ମୃତ

ଦାରିଙ୍ଗବାଡ଼ି,୧୭।୯(ଡି.ଏନ୍.ଏ.)- ଦାରିଙ୍ଗବାଡ଼ି ବ୍ଲକ କିରିକୁଟି ପଞ୍ଚାୟତ କୁମ୍ଭାରମୁଣ୍ଡା ଗ୍ରାମ କଲୋନୀ ସାହିରେ ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରାଜେଶ ଦିଗାଲଙ୍କ ସ୍ତ୍ରୀ କସ୍ମିତା। ଶୁକ୍ରବାର କସ୍ମିତା ପରିବାର ସହ ଘରେ ଶୋଇଥିବା ବେଳେ ବିଳମ୍ବିତ ରାତିରେ ତାଙ୍କୁ ସାପ କାମୁଡ଼ିଥିଲା। ସକାଳୁ ପରିବାର ଲୋକେ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ମଧ ସେଠାରେ ଡାକ୍ତର କସ୍ମିତାଙ୍କୁ ମୃତ ଘୋଷଣା କରିଥିଲେ। ଦାରିଙ୍ଗବାଡ଼ି ଥାନାର ମହିଳା ସବ୍‌ଇନ୍ସପେକ୍ଟର ଲକ୍ଷ୍ମୀ ମାଝୀ ସଦଳବଳ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ନିଆଁରେ ପୋଡି ଗୁରୁତର ଦମ୍ପତିଙ୍କ ମୃତ୍ୟୁ

ବୁଗୁଡ଼ା,୧୭।୯(ଡି.ଏନ.ଏ.)-ବୁଗୁଡ଼ା ବ୍ଲକ କରଚୁଲି ପଞ୍ଚାୟତ ଅନ୍ତର୍ଗତ ବଡତଣ୍ଡା ଗ୍ରାମରେ ନିଆଁରେ ପୋଡି ହୋଇ ଗୁରୁତର ଥିବା ସ୍ୱାମୀ ରାଜକୁମାର ଜାନି ଓ ସ୍ତ୍ରୀ ପଦ୍ମାବତୀଙ୍କ ଶନିବାର ଚକିତ୍ସାଧିନ ଅବସ୍ଥାରେ କଟକରେ ମୃତ୍ୟୁ ଘଟିଛି। ଗତ ୧୨ ତାରିଖ ରାତିରେ ପଦ୍ମାବତୀ କାଠଚୁଲିରେ ରୋଷେଇ କରୁଥିବା ବେଳେ ଅସାବଧାନତା ବଶତଃ ସେ ପିନ୍ଧିଥିବା ଲୁଗାରେ ନିଆଁ ଲାଗି ଯାଇଥିଲା। ସେ ଚିତ୍କାର କରିବାରୁ ରାଜକୁମାର ଦୌଡି ଆସି ନିଆଁକୁ ଲିଭାଇବା ବେଳେ ତାଙ୍କ ପୋଷାକରେ ମଧ ନିଆଁ ଲାଗି ଯାଇଥିଲା। ଫଳରେ ଦୁହିଁଙ୍କ ଦେହର ଅର୍ଦ୍ଧାଧିକ ଅଂଶ ପୋଡି ଯାଇଥିଲା। ସେ ଦୁହିଁଙ୍କୁ ବୁଗୁଡ଼ା ମେଡିକାଲକୁ ଅଣାଯାଇଥିଲା। ସେଠାରୁ ଉଭୟଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ପରେ ୧୪ ତାରିଖରେ କଟକ ମେଡିକାଲକୁ ନିଆଯାଇଥିଲା।

### କୁଅରୁ ୫ ଫୁଟର ନାଗ ଉଦ୍ଧାର

ବୁଗୁଡ଼ା,୧୭।୯(ଡି.ଏନ.ଏ.)-ବୁଗୁଡ଼ା ବ୍ଲକ ଗୋଳିଆ ପଞ୍ଚାୟତ ଅନ୍ତର୍ଗତ ଲେମ୍ବୁବଗିଚା ଗାଁର ବୁଲୁ ଗୌଡ଼ଙ୍କ କୁଅରୁ ୫ ଫୁଟିଆ ନାଗ ସାପଟିଏ ଉଦ୍ଧାର କରାଯାଇଛି। ଶନିବାର ବୁଲୁଙ୍କ ପରିବାର ଲୋକେ କୁଅରୁ ପାଣିବା ବେଳେ ଏକ ନାଗ ସାପ ଦଉଡିରେ ଗୁଡାଇ ହୋଇଯାଇଥିଲା। ଭୟଭୀତ ହୋଇ ପାଟି କରିବା ପରେ ସାହି ପଡିଶା ଲୋକେ ଜମା ହୋଇଥିଲେ ହେଁ ସାପଟିକୁ କୁଅରୁ ବାହାର କରିବାକୁ କେହି ହେଲେ ସାହସ ଜୁଟାଇ ପାରିନଥିଲେ। ଖବର ପାଇ ସ୍ନେକ୍ କ୍ୟାଚର୍ ହରିଶ୍ ପାଢୀ ପହଞ୍ଚି ନାଗ ସାପଟିକୁ କୌଶଳରେ କୁଅରୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡିଥିବା ଜଣାପଡ଼ିଛି।

### ରେଳଧାରଣାରୁ ମୃତଦେହ ଜବତ

ବ୍ରହ୍ମପୁର ଅଫିସ,୧୭।୯-ସରକାରୀ ରେଳବାଇ ପୋଲିସ (ଜିଆରପି) ଶନିବାର ଗୋଷାଣି ନୂଆଗାଁ ଓଭର ବ୍ରିଜତଳ ରେଳଧାରଣାରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ସେ ହେଲେ ବଡବଜାର ଥାନା ଅନ୍ତର୍ଗତ ପ୍ରହଲ୍ଲାଦ ନଗର ତୃତୀୟ ଲାଇନରେ ରହୁଥିବା କେ. ସୁକୁରୁ ପାତ୍ର। ମୃତଦେହ ଜବତ କରି ପୋଲିସ ନଂ.୭୨/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୁକୁରୁ ଅନ୍ନପୂର୍ଣ୍ଣା ବଜାରରେ ବିଭିନ୍ନ ପ୍ରକାର ଫଳ ବିକ୍ରି କରୁଥିଲେ। ଘରୋଇ ଅଶାନ୍ତିରୁ ସେ ରେଳଧାରଣାରେ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତ ପରେ ସନ୍ଦେହ କରୁଛି।

### ନଦୀରୁ ବୃଦ୍ଧଙ୍କ ମୃତଦେହ ଜବତ

ଭଞ୍ଜନଗର,୧୭।୯(ଡି.ଏନ୍.ଏ.)-ବେଲଗୁଣ୍ଠା ଥାନା ଅନ୍ତର୍ଗତ ନୂଆଗାଁ ନିକଟସ୍ଥ ବଡ଼ନଦୀରୁ ଜଣେ ବୃଦ୍ଧଙ୍କ ମୃତଦେହ ଶନିବାର ଜବତ କରାଯାଇଛି। ସେ ହେଲେ ନୂଆଗାଁର ହରି ପ୍ରଧାନ (୬୩)। ହରି ଶୁକ୍ରବାର ସନ୍ଧ୍ୟାରେ ନଦୀକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ସେ କୌଣସି ପରିସ୍ଥିତିରେ ଗଭୀର ପାଣିରେ ବୁଡ଼ିଯାଇଥିଲେ। ଏ ନେଇ ପୋଲିସ ନଂ.୨୨/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ୬ ବର୍ଷ ପରେ ଛତ୍ରପୁର ବସଷ୍ଟାଣ୍ଡରୁ ଗଡ଼ିଲା ବସ

ଛତ୍ରପୁର,୧୭।୯(ଡି.ଏନ.ଏ.)


ନୂଆ ବସ୍‌ଷ୍ଟାଣ୍ଡରେ ଗାଡିକୁ ପତାକା ଦେଖାଇ ଛଡ଼ାଯାଉଛି।

ଛତ୍ରପୁର ନୂଆ ବସଷ୍ଟାଣ୍ଡରୁ ୬ ବର୍ଷ ପରେ ଶନିବାର ବସ ଯାତାୟାତ ଆରମ୍ଭ କରିଛି। ବସ ମାଲିକମାନଙ୍କ ମନମୁଖୀ ଯୋଗୁ କୌଣସି ବସ ନୂତନ ବସଷ୍ଟାଣ୍ଡକୁ ଯାଉ ନ ଥିଲା। ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ନିର୍ଦ୍ଦେଶକ୍ରମେ ଶନିବାର ବିଶ୍ୱକର୍ମା ପୂଜାରେ ଏହାକୁ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ଷମ କରାଯାଇଛି।

୬ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ନୂତନ ବସଷ୍ଟାଣ୍ଡକୁ ୨୦୧୬ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦଘାଟନ କରିଥିଲେ। ସେବେଠାରୁ ଉକ୍ତ ବସଷ୍ଟାଣ୍ଡକୁ ବସ ଯାତାୟାତ କରୁ ନଥିଲା। ନବନିର୍ମିତ ବସଷ୍ଟାଣ୍ଡଟି ଖାଲି ପଡିଥିଲା। ଅନସ୍ଲୋ ହାଇସ୍କୁଲ, କଲେଜ ଛକ ମୁଖ୍ୟ ରାସ୍ତା ଉପରେ ଯାତ୍ରୀ ମାନଙ୍କୁ ବସ ଗୁଡିକରେ ଉଠାଯାଉଥିଲା। ବାରମ୍ବାର ପ୍ରଶାସନ ଆଲୋଚନା ପରେ ବି ବସମାଲିକ ସଂଘ ବସଷ୍ଟାଣ୍ଡକୁ ବସ ନେଉ ନ ଥିଲେ। ମଝିରେ କିଛି ଦିନ କେବଳ ସିଟି ବସ ସେଠାକୁ ଯାଉଥିଲା। ଯାହାକି ପରବର୍ତ୍ତୀ ସମୟରେ ତାହା ବି ବନ୍ଦ ରହିଥିଲା। ଛତ୍ରପୁର ଏନ୍‌ଏସି ଅଧକ୍ଷା ଶର୍ମିଷ୍ଠା ପ୍ରଧାନ, ଉପାଧକ୍ଷ ଜି. ପାପା ରାଓ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଉମାକାନ୍ତ ନାୟକ, ଆଞ୍ଚଳିକ ପରିବହନ ଅଧିକାରୀ ମାନସ ରଞ୍ଜନ ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା, ସମସ୍ତ କାଉନସିଲର, ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା, ସ୍ଥାନୀୟ ଜନ ସାଧାରଣ ଏବଂ ଖବରଦାତାମାନେ ନୂଆବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷକ କରାଯିବା ବେଳେ ଉପସ୍ଥିତ ଥିଲେ। ଏବେଠାରୁ ସମସ୍ତ ବସ ନୂଆ ବସଷ୍ଟାଣ୍ଡକୁ ଚଳାଚଳ କରିବ। ପର୍ଯ୍ୟାୟ କ୍ରମେ ଦୂର ଅଞ୍ଚଳକୁ ଗସ୍ତ କରୁଥିବା ବସଗୁଡିକ ମଧ ଏହି ବସଷ୍ଟାଣ୍ଡକୁ ଆସିବ ବୋଲି ସୂଚନା ମିଳିଛି। ଛତ୍ରପୁର ସହରରେ ପୂର୍ବରୁ ଥିବା ବସଷ୍ଟାଣ୍ଡରେ ଯାତ୍ରୀ ମାନଙ୍କର ଅନେକ ଅସୁବିଧା ହେଉଥିଲା। ବର୍ତ୍ତମାନ ଯାତ୍ରୀ ମାନଙ୍କ ସକାଶେ ସମସ୍ତ ପ୍ରକାର ସୁବିଧା ଉପଲବ୍ଧ ହେବ ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ଅବଗତ କରାଇଥିଲେ।

# ପ୍ରମାଣ ଅଭାବରୁ ମୁଖ୍ୟ ଅଭିଯୁକ୍ତ ସହ ୩ ନିର୍ଦ୍ଦୋଷ

ବ୍ରହ୍ମପୁର ଅଫିସ,୧୭।୯

**କୁମାରୀ ମାତୃତ୍ୱ ଘଟଣା**

ସ୍ୱତନ୍ତ୍ର ଫାଷ୍ଟଟ୍ରାକ ପୋକ୍‌ସୋ କୋର୍ଟ ବିଚାରପତି ଗଣେଶ୍ୱର ପତି ଏକ କୁମାରୀ ମାତୃତ୍ୱ ଘଟଣାର ବିଚାର କରିଥିଲେ। ପ୍ରମାଣ ଅଭାବରୁ ସେ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ ଜଣଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତମାନେ ୩ ଭାଇ। ମୁଖ୍ୟ ଅଭିଯୁକ୍ତ ହେଲେ ବୁଦ୍ଧୁ ଯାନୀ। ତାଙ୍କ ଭାଇ ବାବୁଲା ଯାନୀ ଓ ହରି ଯାନୀ ମଧ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଛନ୍ତି। ବୁଦ୍ଧୁ ଜଣେ ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର କରିଥିଲେ। ପରେ ନାନା ଧମକ ଦେଇ ଲଗାତାର ବଳାତ୍କାର କରି ଆସୁଥିଲେ। ନାବାଳିକା ଗର୍ଭବତୀ ହୋଇଥିବା ଜଣାପଡିବାରୁ ପରିବାର ଜାତି କୂଳରେ ଜଣାଇଥିଲେ। ପରେ ଏହାକୁ ନେଇ ଉଭୟ ପକ୍ଷଙ୍କ ଉପସ୍ଥିତିରେ ହୋଇଥିବା ଗାଁ ବୈଠକରେ ବୁଦ୍ଧୁ ନିଜ ଦୋଷ ସ୍ୱୀକାର କରିଥିଲେ। ଏ ନେଇ ଥାନାରେ ଅଭିଯୋଗ ନ କରିବାକୁ ବୁଦ୍ଧୁ ଓ ତାଙ୍କର ଦୁଇ ଭାଇ ବାବୁଲା ଓ ହରି ପୀଡ଼ିତାଙ୍କୁ ଧମକ ଦେଇଥିଲେ। ପରେ ପୀଡ଼ିତା ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ବୁଦ୍ଧୁ ସମ୍ପୃକ୍ତ ନାବାଳିକାଙ୍କୁ ବିବାହ କରିବେ ନାହିଁ ବୋଲି କହିବାରୁ ପୀଡ଼ିତା ଏ ନେଇ ଜରଡ଼ା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨/୧୬ ରେ ଏକ ମାମଲା ରୁଜୁ କରି ବୁଦ୍ଧୁ ଓ ତାଙ୍କ ୨ଭାଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତତ୍କାଳୀନ ଥାନାଧିକାରୀ ସୁଜିତ ନାୟକ କୋର୍ଟରେ ଉକ୍ତ ମାମଲାର ଚାର୍ଜଶିଟ ଦାଖଲ କରିଥିଲେ। ପରେ ଅଭିଯୁକ୍ତମାନଙ୍କୁ ଜାମିନ ମିଳିଥିଲା। ମାମଲାର ବିଚାର ବେଳେ ୩ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇଥିଲା। ୧୭ଜଣ ସାକ୍ଷୀ ଓ ପୋଲିସ କୋର୍ଟରେ ଦାଖଲ କରିଥିବା ଚାର୍ଜଶିଟକୁ ଆଧାର କରି ପ୍ରମାଣ ମିଳି ନ ଥିବାରୁ ବିଚାରପତି ଅଭିଯୁକ୍ତମାନଙ୍କୁ ନିର୍ଦ୍ଦୋଷ ବୋଲି ରାୟ ପ୍ରକାଶ କରିଛନ୍ତି। ମୁଦୁଲାଙ୍କ ପକ୍ଷରୁ ସୁନୀଲ କୁମାର ସ୍ୱାଇଁ ମକଦ୍ଦମା ପରିଚାଳନା କରିଥିଲେ।

# ଆର୍ଯ୍ୟଭଟ୍ଟ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ

ବ୍ରହ୍ମପୁର ଅଫିସ,୧୭।୯


କୃତି ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା।

ଆର୍ଯ୍ୟଭଟ୍ଟ ବ୍ରହ୍ମପୁର ପକ୍ଷରୁ ଶନିବାର ଟାଉନ ହଲରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜେଇଇ ମେନ, ଆଡଭାନ୍ସ, ନିଟ, ନେଷ୍ଟ, ଆଇଜର, ବିଟସାଟ ଆଦି ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଦକ୍ଷିଣ ଓଡିଶାର ଆଡଭାନ୍ସ ଟପ୍ପର ଓ ନିଟ ଟପ୍ପରଙ୍କ ସମେତ ଆଡଭାନ୍ସରେ ସଫଳ ୯ ଜଣ, ଜେଇଇ ମେନରେ ୩୦ ଜଣ ଓ ନିଟରେ ସଫଳ ୨୬ ଜଣଙ୍କ ସମେତ ଅନ୍ୟ ସଫଳ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଇଜର ବ୍ରହ୍ମପୁର ନିର୍ଦ୍ଦେଶକ ପ୍ରଫେସର କେ.ଭି.ଆର ଚାରି ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ପରିବର୍ତ୍ତିତ ବିଶ୍ୱର ବିଜ୍ଞାନ ଓ ବୈଷୟିକ ଜ୍ଞାନର ଉପଯୋଗିତା ଓ ଭାରତୀୟ ସଂସ୍କୃତିର ପୃଷ୍ଠଭୂମିରେ ଯୁବ ଶକ୍ତିର ଭୂମିକା ସଂପର୍କରେ କହିଥିଲେ। ଅନ୍ୟତମ ଅତିଥି ରୂପେ ଏମକେସିଜି ଅଧକ୍ଷ ପ୍ରଫେସର ଅବନୀକାନ୍ତ ମିଶ୍ର ଯୋଗ ଦେଇ ଚିକିତ୍ସା ବିଜ୍ଞାନର ଆଇକନ ହିସାବରେ ନିଜ ଜୀବନର ଅନନ୍ୟ ସଫଳତାର ଅନୁଭୂତି କହିଥିଲେ। ବ୍ରହ୍ମପୁର ଏସପି ଡା.ଶ୍ରବଣା ବିବେକ ଏମ ଯୁବ ଆଇକନ ଭାବେ ଯୋଗ ଦେଇ ନିଜ ସାଧନା ଓ ସଫଳତାର ଯାତ୍ରାର ଅନୁଭୂତି କହିଥିଲେ। ଶିକ୍ଷାନୁଷ୍ଠାର ମୁଖ୍ୟ ତଥା ପରିବେଶବିତ ସୁଧୀର ରାଉତ ବିଶ୍ୱକୁ ଜଳବାୟୁ ପରିବର୍ତ୍ତନ ଜନିତ ଏକ ଆସନ୍ନ ବିପର୍ଯ୍ୟୟରୁ ରକ୍ଷା କରିବାରେ ଯୁବଶକ୍ତିର ଭୂମିକା ସଂପର୍କରେ କହିଥିଲେ। ଅନ୍ୟମାନଙ୍କ ମଧରେ ଇ.ନିର୍ମାଲ୍ୟ ରାଉତ, ସୁଶାନ୍ତ ମହାନ୍ତି, ଶୁଭେନ୍ଦୁ ପାତ୍ର, ପ୍ରକାଶ ରାଓ, ମନୋଜ ଡାକୁଆ ଓ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ପରିଚାଳନାରେ ସହଯୋଗ କରିଥିଲେ।

## ଗାଡ଼ି ଯାଞ୍ଚ ବେଳେ ମିଳିଲା ଗଞ୍ଜେଇ

ବ୍ରହ୍ମପୁର ଅଫିସ,୧୭।୯

ଗାଡ଼ି ଯାଞ୍ଚ ବେଳେ ପୋଲିସକୁ ଗଞ୍ଜେଇ ମିଳିଛି। ଗଞ୍ଜେଇ ଚାଲାଣକାରୀ ଫେରାର ହୋଇଯାଇଛନ୍ତି। ଜବତ ଗାଡ଼ି (ସ୍କୁଟି) ନମ୍ବରକୁ ପୋଲିସ ଏବେ ଟ୍ରାକିଂ କରୁଛି। ଗାଡ଼ିର ମାଲିକ ଥାନାକୁ ଆସିବାକୁ ନୋଟିସ କରାଯାଇଛି। ଅଭିଯୁକ୍ତ ଧରାପଡିବା ପରେ ସେ ଉକ୍ତ ଗଞ୍ଜେଇ କେଉଁଠୁ ଆଣିଥିଲେ ଓ ବିକ୍ରି ପାଇଁ କୁଆଡ଼େ ଯାଉଥିଲା ତାହା ସ୍ପଷ୍ଟ ହେବ। ଶନିବାର ଟ୍ରାଫିକ ଥାନାଧିକାରୀ ସୁନୀଲ ବେହେରା ଓ ତାଙ୍କ ଟିମ ସ୍ଥାନୀୟ ଇଞ୍ଜିନିୟରିଂ ସ୍କୁଲ ଛକରେ ଯାନବାହନ ଯାଞ୍ଚ କରୁଥିଲେ। କମାପଲ୍ଲୀରୁ ଗୋପାଳପୁର ଅଭିମୁଖେ ଯାଉଥିବା ସ୍କୁଟି ଚାଳକ ପୋଲିସକୁ ଦେଖି ସେଠାରେ ଗାଡ଼ି ଛାଡ଼ି ପଳାଇଥିଲେ। ଦୀର୍ଘ ସମୟ ରାସ୍ତା କଡ଼ରେ ରହିଥିବା ସ୍କୁଟି (ନଂ ଓଡ଼ି ୨୦ ଏ-୬୧୩୮) ପାଖକୁ ପୋଲିସ ଆସି ଯାଞ୍ଚ କରିଥିଲା। ସେଥିରେ ଥିବା ଏକ ବ୍ୟାଗରେ ୩୬ କେଜି ଗଞ୍ଜେଇ ଭର୍ତ୍ତି ହୋଇଥିବା ଜଣାପଡିଥିଲା।

# ନକଲି ବିଲ୍ ସମ୍ପର୍କରେ ଟାଟା ପାୱାରର ସଚେତନତା



ଟାଟା ପାୱାର ଜାରି କରିଥିବା ସଚେତନତା ବାର୍ତ୍ତା।

ବ୍ରହ୍ମପୁର ଅଫିସ,୧୭।୯

ଟାଟା ପାୱାର ଓ ଓଡିଶା ସରକାରଙ୍କ ମିଳିତ ଉଦ୍ୟମରେ ଯୌଥ ଉଦ୍ୟୋଗ ଟିପିସାଉଥ ଓଡିଶା ବିତରଣ ଲିମିଟେଡ ପକ୍ଷରୁ ଶନିବାର ନକଲି ବିଲ୍ ସଂଗ୍ରହ ସମ୍ପର୍କରେ ଏକ ସଚେତନତା ବାର୍ତ୍ତା ଜାରି କରାଯାଇଛି। ଟିପିଏସଓଡିଏଲ କର୍ମଚାରୀଙ୍କ ଛଦ୍ମ ବେଶରେ କିଛି ଅସାଧୁ ନକଲି ଏମପିଓଏସ ମେଶିନ ଯୋଗେ ବିଲ ସଂଗ୍ରହ କରୁଥିବା ନଜରକୁ ଆସିଛି। ପୁରୁଷୋତ୍ତମପୁର ଡିଭିଜନ ଅନ୍ତର୍ଗତ ପୋଲସରା ସବ ଡିଭିଜନର ଟିରିକିପଡା ବିଭାଗରେ ଜଣେ ବ୍ୟକ୍ତି ଏପରି ଠକାମୀ ବିରୋଧରେ ଅଭିଯୋଗ ଦାଖଲ କରିଛନ୍ତି। ଏହି ବ୍ୟକ୍ତି ଟିପିଏସଓଡିଏଲର କୌଣସି ଅନୁମତି ବିନା ଗ୍ରାହକଙ୍କ ସହିତ ଜଡିତ ଥିଲେ, ବିଲ ସଂଗ୍ରହ ପାଇଁ ଏକ ଏମପିଓଏସ ମେଶିନ ବ୍ୟବହାର କରୁଥିଲେ। ସେ ଗ୍ରାହକଙ୍କୁ ଦେଇଥିବା ରସିଦରେ କନଜ୍ୟୁମର ନମ୍ବର ନ ଥିଲା। ଏଥିରେ ଟିପିଏସଓଡିଏଲ ଲୋଗୋ ନ ଥିଲା। ଯଦି କୌଣସି ଗ୍ରାହକ ଠକାମୀର ଶୀକାର ହୁଅନ୍ତି, ତେବେ ତୁରନ୍ତ କମ୍ପାନୀ ଅଧିକାରୀଙ୍କୁ ଜଣାନ୍ତୁ। କଂପାନୀ ସମସ୍ତ ବିଲ ପାଇଁ କେବଳ ପ୍ରାଧିକୃତ ପେମେଣ୍ଟ ମୋଡ ବ୍ୟବହାର କରିବାକୁ ପରାମର୍ଶ ଦେଇଥାଏ। ଯେଉଁଠାରେ ଗ୍ରାହକମାନେ ପ୍ରତ୍ୟେକ ଦେୟ ପରେ ଏକ ବୈଧ ରସିଦ ପାଇଥାନ୍ତି। ଟିପିଏସଓଡିଏଲର ଉତ୍ସର୍ଗୀକୃତ ୨୪ ଘଣ୍ଟିଆ ଟୋଲ ଫ୍ରି ନଂ-୧୮୦୦୩୪୫-୬୭୯୭/୧୯୧୨ ସମସ୍ତ ଅଭିଯୋଗ ପାଇଁ ଜାରି ହୋଇଛି।

# ଚାଷୀଙ୍କ ସମସ୍ୟା ନେଇ ବ୍ଲକ କଂଗ୍ରେସର ବିକ୍ଷୋଭ


ଉପଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଉଛି।

ବ୍ରହ୍ମପୁର ଅଫିସ,୧୭।୯

ଚାଷୀଙ୍କ ସମସ୍ୟା ନେଇ ରଙ୍ଗେଇଲୁଣ୍ଡା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଶୁକ୍ରବାର ବ୍ରହ୍ମପୁର ଉପଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଅଞ୍ଚଳରେ ବୃଦ୍ଧି ପାଇଥିବା ବାରହା ଉପଦ୍ରବକୁ ତୁରନ୍ତ ରୋକିବା ଏବଂ ଆବଶ୍ୟକ ପରିମାଣର ସାର ଯୋଗାଣ ଦାବି ନେଇ ଏହି ଆନ୍ଦୋଳନ ହୋଇଥିଲା। ବ୍ଲକ କଂଗ୍ରେସ ସଭାପତି ଡ଼କ୍ଟ. ବାଲକ୍ରିଷ୍ଣ ନେତୃତ୍ୱରେ ଶତାଧିକ ଚାଷୀ ଆନ୍ଦୋଳନରେ ସାମିଲ ହୋଇଥିଲେ। ପରେ ଦାବି ସମ୍ବଳିତ ସ୍ମାରକପତ୍ର ସହକାରୀ ଜିଲାପାଳଙ୍କୁ ଦିଆଯାଇଛି।

ଅଞ୍ଚଳରେ ଗତ କିଛିଦିନ ହେବ ବାର୍‌ହା ଉପଦ୍ରବ ବଢ଼ି ଚାଲିଛି। ଖରିଫ ଧାନ ଓ ପରିବା ଫସଲକୁ ବାର୍‌ହା ନଷ୍ଟ କରୁଛନ୍ତି। ବିଶେଷକରି ମନ୍ଦ୍ରିଡ଼ି, ବିଶ୍ୱନାଥପୁର, ମେଣ୍ଢରାଜପୁର, ଇନ୍ଦ୍ରାକ୍ଷୀ, ଶାସନପଦର, କମଳାପୁର, କରାପଲ୍ଲୀ ଆଦି ଅନେକ ପଞ୍ଚାୟତର ଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି। ପ୍ରତିକାର ପାଇଁ ରଙ୍ଗେଇଲୁଣ୍ଡା ବିଡିଓଙ୍କୁ ବହୁବାର ଗୁହାରି ସତ୍ତ୍ୱେ ପଦକ୍ଷେପ ନିଆଯାଇ ଥିବା ସ୍ମାରକପତ୍ରରେ ଦର୍ଶାଯାଇଛି। ବ୍ଲକ ପ୍ରଶାସନ ଓ ବନ ବିଭାଗ ପ୍ରତିକାର କରୁନାହାନ୍ତି। ସେହିପରି ଉପରୋକ୍ତ ଅଞ୍ଚଳମାନଙ୍କରେ ଆବଶ୍ୟକ ମୁତାବକ ରାସାୟନିକ ସାର ମିଳୁନଥିବା କଂଗ୍ରେସ ପକ୍ଷରୁ କୁହାଯାଇଛି। ଏହାର ତୁରନ୍ତ ସମାଧାନ ଲାଗି ଉପଜିଲାପାଳ ପଦକ୍ଷେପ ନେବାକୁ ଦାବିପତ୍ରରେ ଦର୍ଶାଯାଇଛି।

# ହାଇସ୍କୁଲରେ ବିଶ୍ୱ ଓଜୋନ ଦିବସ

ପୋଲସରା,୧୭।୯(ଡି.ଏନ.ଏ.)


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

ପୋଲସରା ବ୍ଲକ ଅନ୍ତର୍ଗତ ମନ୍ଦାର ଗ୍ରାମସ୍ଥିତ ମା' ଭରାଣ୍ଡି ନୋଡାଲ ହାଇସ୍କୁଲ ଠାରେ ବିଶ୍ୱ ଓଜୋନ ଦିବସ ଓ ଚାରା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷକ ଈଶ୍ୱରୀ ପ୍ରସାଦ ମିଶ୍ରଙ୍କ ଅଧକ୍ଷତାରେ ବିଦ୍ୟାଳୟର ଇକୋ କ୍ଲବ ତରଫରୁ ବିଶ୍ୱ ଓଜୋନ ଦିବସ ପାଳିତ ହୋଇଥିଲା। ଏଥିରେ ପୋଲସରା ରେଞ୍ଜର ସଚିନ କୁମାର ପ୍ରଧାନ ମୁଖ୍ୟ ଅତିଥି ଏବଂ ଫରେଷ୍ଟର ସୁକାନ୍ତ କୁମାର ପଟ୍ଟନାୟକ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ପ୍ରଧାନ ଓଜୋନ ସ୍ତର କ'ଣ ଏବଂ ଏଥିରେ ରନ୍ଧ୍ର ହେବା ଦ୍ୱାରା ବିଶ୍ୱ ପ୍ରତି କି ଖରାପ ପ୍ରଭାବ ରହିଛି ତାହା ଉପରେ ସଂକ୍ଷିପ୍ତ ବିବରଣୀ ଦେଇଥିଲେ। କାର୍ଯ୍ୟକ୍ରମରେ ବିଜ୍ଞାନ ଶିକ୍ଷୟିତ୍ରୀ ସରିତା ପ୍ରଧାନ, ଇକୋ କ୍ଲବ ସଂଯୋଜକ ଅଭି ଚନ୍ଦ୍ର ଗସିୟା, ଜୋତିଏଲ ନାୟକ ଏବଂ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ। ସଦାଶିବ ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ବିନୋଦ ବିହାରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ପୋଲସରା ବନାଞ୍ଚଳ ଅଧିକାରୀ ଛାତ୍ରୀଛାତ୍ରଙ୍କୁ ଚାରା ବଣ୍ଟନ କରିଥିଲେ।

# ଆଇଟିଆଇର ସମାବର୍ତ୍ତନ ଉତ୍ସବ


ଛାତ୍ରୀଛାତ୍ରଙ୍କୁ ଅତିଥି ସାର୍ଟିଫିକେଟ ପ୍ରଦାନ କରୁଛନ୍ତି।

ବ୍ରହ୍ମପୁର ଅଫିସ,୧୭।୯

**୧୦୬ ଛାତ୍ରୀଛାତ୍ରଙ୍କୁ ଏନଟିସି ସାର୍ଟିଫିକେଟ**

ବ୍ରହ୍ମପୁର ଶିଳ୍ପ ତାଲିମ ବୈଷୟିକ ଅନୁଷ୍ଠାନ (ଆଇଟିଆଇ) ପକ୍ଷରୁ ଶୁକ୍ରବାର ସମାବର୍ତ୍ତନ ଉତ୍ସବ ଅଡିଟୋରିୟମ ହଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ମୁଖ୍ୟ ଅତିଥି, ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବିପିନ ନାୟକ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଏହି ଅବସରରେ ଚଳିତବର୍ଷ ପାସ କରିଥିବା ୧୧ ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ମଧରୁ ୧୦୬ ଜଣଙ୍କୁ ଏନ୍‌ଟିସି ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଛାତ୍ରୀଛାତ୍ରଙ୍କୁ ଏହି ସାର୍ଟିଫିକେଟ ପ୍ରଦାନ କରାଯାଇଥିବା ଆଇଟିଆଇ ଅଧକ୍ଷ ଡ. ରଜତ କୁମାର ପାଣିଗ୍ରାହୀ କହିଛନ୍ତି। ଏଥିସହ ସର୍ବଭାରତୀୟ ଆଇଟିଆଇ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀଛାତ୍ର କଟକ ଠାରେ ବିଭାଗୀୟ ଅଧିକାରୀଙ୍କ ଠାରୁ ସାର୍ଟିଫିକେଟ ପାଇଥିବା ଅଧକ୍ଷ କହିଛନ୍ତି।

# ଜିଲା ଯୁବ କଂଗ୍ରେସ ପାଳିଲା ବେରୋଜଗାରୀ ଦିବସ

ବ୍ରହ୍ମପୁର ଅଫିସ,୧୭।୯


କାର୍ଯ୍ୟକ୍ରମରେ ଉପସ୍ଥିତ କଂଗ୍ରେସ ନେତା ଓ କର୍ମୀ

ଗଞ୍ଜାମ ଜିଲା ଯୁବ କଂଗ୍ରେସ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିବସକୁ ରାଷ୍ଟ୍ରୀୟ ବେରୋଜଗାରୀ ଦିବସ ଭାବେ ପାଳନ କରିଛି। ଏନ୍‌ଡିଏ ଶାସନରେ ବେକାରୀ ସମସ୍ୟା ବଢ଼ି ଚାଲିଥିବା ଏବଂ ସମସ୍ୟାର ସମାଧାନରେ କେନ୍ଦ୍ର ସରକାର ବିଫଳ ହୋଇଥିବା କଂଗ୍ରେସ ଅଭିଯୋଗ କରିଛି। ଯୁବ କର୍ମୀମାନେ ଜିଲା କଂଗ୍ରେସ କାର୍ଯ୍ୟାଳୟ ବାପୁଜୀ ଆଶ୍ରମ ଆଗରେ କେକ୍ କାଟିବା ସହ ପକୁଡ଼ି ଛାଣି ଲୋକଙ୍କୁ ବାଣ୍ଟିଥିଲେ। ଯୁବ କଂଗ୍ରେସ ଜିଲା ସଭାପତି ସନାତନ ସାହୁ, ପ୍ରଭାରୀ ଜ୍ଞାନ ରଞ୍ଜନ ରାଉତ, ଗଞ୍ଜାମ କଂଗ୍ରେସ ଉପସଭାପତି ମହେଶ୍ୱର ପାତ୍ର, ସମ୍ପାଦକ ଦଣ୍ଡପାଣି ପାତ୍ର, ଛାତ୍ର କଂଗ୍ରେସ ରାଜ୍ୟ ସମ୍ପାଦକ ଦେବାଶିଷ ମହାନ୍ତି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜିଲା ସଭାପତି ପୀତବାସ ପଣ୍ଡାଙ୍କ ସମେତ ପଦ୍ମଚରଣ ସାହୁ, ରଙ୍ଗେଇଲୁଣ୍ଡା ବ୍ଲକ କଂଗ୍ରେସ ସଭାପତି ଡ଼କ୍ଟ. ବାଲକ୍ରିଷ୍ଣା, ଯୁବ ଓ ଛାତ୍ର କଂଗ୍ରେସର ଅନେକ କର୍ମୀ ଯୋଗ ଦେଇଥିଲେ।

## ୩୨ ୟୁନିଟ ରକ୍ତ ସଂଗୃହୀତ

ପାରଳାଖେମୁଣ୍ଡି,୧୭।୯(ଡି.ଏନ୍.ଏ.)

ପାରଳାଖେମୁଣ୍ଡିଠାରେ ଓଡ଼ିଶା ମୋଟର ଚାଳକ ସଂଘ ଗଜପତି ଜିଲା ଶାଖା ତରଫରୁ ଚାଳକ ଦିବସ ପାଳନ ଅବସରରେ ଶନିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ପାରଳାଖେମୁଣ୍ଡି ପୌରାଧକ୍ଷା ନିର୍ମଳା ସେଠୀ ଉଦ୍‌ଘାଟନ କରିଥିବା ବେଳେ ଜିଲାପାଳ ଲିଙ୍ଗରାଜ ପଣ୍ଡା ଯୋଗଦେଇଥିଲେ। ଏଥିରେ ଓଡ଼ିଶା ମୋଟର ଚାଳକ ସଂଘ ଗଜପତି ଶାଖାର ସଭାପତି ଏନ୍.ଶ୍ରୀନିବାସ ରାଓଙ୍କ ସଭାପତିତ୍ୱ କରିଥିଲେ। ଶିବରରେ ମୋଟ ୩୨ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ରକ୍ତ ଭଣ୍ଡାରର ଦାୟିତ୍ୱରେ ଥିବା ଡାକ୍ତର ଏନ୍. ରବିବାବୁ, ଖଗେଶ୍ୱର ବେହେରା, ପିଙ୍କି ପାଢୀ, ବି.ବାବୁଲା ପ୍ରମୁଖ ଉପସ୍ଥିତ ରହି ରକ୍ତ ସଂଗୃହୀତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଚାଳକ ସଂଘର ଉପସଭାପତି ପି.ନାଗେଶ୍ୱର ରାଓ, ଗୋପାଳ କୃଷ୍ଣ ମହାନ୍ତି, ସମ୍ପାଦକ ଜେ.ଭାସ୍କର ରାଓ, ସହସମ୍ପାଦକ ଜଗଦୀଶ ପାଣିଗ୍ରାହୀ, କୋଷାଧକ୍ଷ ଉମାଶଙ୍କର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

